SAMBAD
ସମ୍ବାଦ

**10th May, 2019**

# ୧୪ ଯାଏ ଜେଇଇ ଆଡଭାନ୍ସଡ୍ ପଞ୍ଜୀକରଣ

ଭୁବନେଶ୍ୱର,୯।୫(ଇମିସ): ଜେଇଇ ଆଡଭାନ୍ସଡ୍ ଦେବାକୁ ଥିବା ଓଡ଼ିଶାର ଛାତ୍ରଛାତ୍ରୀଙ୍କ ଲାଗି ଖୁସି ଖବର। ବାତ୍ୟା ଯୋଗୁଁ ଭୁବନେଶ୍ୱର ସମେତ ରାଜ୍ୟର କେତେକ ଅଞ୍ଚଳରେ ବିଜୁଳି ଓ ଇଣ୍ଟରନେଟ୍ ସେବା ଏପର୍ଯ୍ୟନ୍ତ ଉପଲବ୍ଧ ହୋଇପାରି ନାହିଁ। ଏଥିପାଇଁ ଛାତ୍ରଛାତ୍ରୀଙ୍କୁ ଅସୁବିଧାର ସମ୍ମୁଖୀନ ହେବାକୁ ପଡୁଛି। ନାମ ପଞ୍ଜୀକରଣ କରି ପାରୁନାହାନ୍ତି। ତାହାକୁ ଦୃଷ୍ଟିରେ ରଖି କେନ୍ଦ୍ର ମାନବ ସମ୍ବଳ ବିକାଶ ମନ୍ତ୍ରାଳୟ ପକ୍ଷରୁ ଓଡ଼ିଶା ପରୀକ୍ଷାର୍ଥୀଙ୍କ ଲାଗି ନାମ ପଞ୍ଜୀକରଣ ସମୟ ସୀମାକୁ ମେ’ ୧୪ ପର୍ଯ୍ୟନ୍ତ ବୃଦ୍ଧି କରାଯାଇଛି। ହାତରେ ଆଉ ୫ଦିନ ବାକି ଥିବା ବେଳେ ପରୀକ୍ଷାର୍ଥୀଙ୍କ ସୁବିଧା ଲାଗି ଭୁବନେଶ୍ୱର ଆଇଆଇଟିରେ ଏକ ହେଲପ୍ ଡେସ୍କ ଖୋଲା ଯାଇଛି। ଆଇଆଇଟିର ସ୍ଥାୟୀ କ୍ୟାମ୍ପସରେ ଖୋଲିଥିବା ଏହି ଡେସ୍କରେ ଇ-କ୍ଲାସ ରୁମ୍, ଲ୍ୟାବ୍ କମ୍ପ୍ଲେକ୍ସ ସୁବିଧା ରହିଛି। ଇଣ୍ଟରନେଟ୍ ବ୍ୟବସ୍ଥା ରହିଛି। ଓଡ଼ିଶା ଛାତ୍ରଛାତ୍ରୀ ଏହାର ସୁବିଧା ନେଇପାରିବେ ବୋଲି ଆଇଆଇଟି କର୍ତ୍ତୃପକ୍ଷ ସୂଚନା ଦେଇଛନ୍ତି। ଆଇଆଇଟି ନିର୍ଦ୍ଦେଶକ ଆର ଭି ରାଜକୁମାରଙ୍କ କହିବାନୁଯାୟୀ, ଏଭଳି ପ୍ରାକୃତିକ ବିପର୍ଯ୍ୟୟ ସମୟରେ ଓଡ଼ିଶାର ଛାତ୍ରଛାତ୍ରୀଙ୍କ ସହ ଆଇଆଇଟି ରହିଛି। ଛାତ୍ରଛାତ୍ରୀଙ୍କ ଲାଗି ପରିବହନ ସୁବିଧା ବି କରାଯାଇଛି। ଏକ ସ୍ୱତନ୍ତ୍ର ବସ୍ ସକାଳ ୯ଟା ଓ ଅପରାହ୍ଣ ୨ଟାରେ ପଟିଆ ଛକରୁ ବାହାରି ଜୟଦେବ ବିହାର, ଖଣ୍ଡଗିରି ଦେଇ ଜଟଣୀସ୍ଥିତ ସ୍ଥାୟୀ କ୍ୟାମ୍ପସରେ ପହଞ୍ଚିବ। ଏହି ବସ୍ ମଧ୍ୟାହ୍ନ ୧୨ଟା, ଅପରାହ୍ଣ ୪ଟା ଓ ସନ୍ଧ୍ୟା ୬ଟାରେ ପୁଣିଥରେ ଉକ୍ତ ରାସ୍ତା ଦେଇ ପ୍ରତ୍ୟାବର୍ତ୍ତନ କରିବ। ଜେଇଇ ଆଡଭାନ୍ସଡ୍ ଲାଗି ଯୋଗ୍ୟତା ଅର୍ଜନ କରିଥିବା ଜେଇଇ ମେନ୍ ପରୀକ୍ଷାର୍ଥୀ ଏହାର ଲାଭ ଉଠାଇ ପାରିବେ।

## ଆଇଆଇଟିରେ ଖୋଲିଲା ହେଲପ୍ ଡେସ୍କ